# Akashvani, Sambalpur

## SAMBALPURI NEWS BULLETIN

### 27 April 2025- 6.47- 6.52 am.

*********************************************

ମନ୍ କି ବାତ୍          ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ଦିନର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୨୧ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଇଟା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା । ରାତିର୍ ୮ ବଜେ ଆଂଚଲିକ୍ ଭାଷାନ୍ତରଣ୍‌ର ଫେର୍‌ଘାଏ ପ୍ରସାରଣ୍ କରାଯିବା ।

କୃଷ୍ଣଚନ୍ଦ୍ର ମହାପାତ୍ର-ବର୍ଜ୍ୟବସ୍ତୁନୁ ଶକ୍ତି ପ୍ଲାଂଟ/ଆର୍‌ଏନ୍‌ୟୁ ସମ୍ବଲପୁର

ଗୃହ ନିର୍ମାଣ ଆଉ ନଗର ଉନ୍ନୟନ୍ ମନ୍ତ୍ରୀ ଡକ୍ଟର୍ କୃଷ୍ଣଚନ୍ଦ୍ର ମହାପାତ୍ର ଗଲାକାଏଲ୍ ଦିଲ୍ଲୀ ନଗର୍ ନିଗମ୍ ଦ୍ୱାରା ପରିଚାଲିତ୍ ଓଖ୍‌ଲା ନ ଥିବା ଅତ୍ୟାଧୁନିକ୍ ବର୍ଜ୍ୟବସ୍ତୁନୁ ଶକ୍ତି ପ୍ଲାଂଟ୍ ପରିଦର୍ଶନ୍ କରିଛନ୍ । ଇ ପ୍ଲାଂଟ୍ ଇହାଦେ ଫି’ ଦିନ ପାଖାପାଖି ୨ ହଜାର୍ ମେଟ୍ରିକ୍ ଟନ୍ ପୌର କଠିନ ବର୍ଜ୍ୟବସ୍ତୁର ପ୍ରକ୍ରିୟାକରଣ୍ କରୁଛେ ଆଉ ପାଖାପାଖି ୨୩ ମେଗାୱାଟ୍ ସବୁଜ ଶକ୍ତି ଉତ୍ପାଦନ୍ କରୁଛେ । ପ୍ଲାଂଟ୍‌ର ଦକ୍ଷତାଥି ପ୍ରଭାବିତ୍ ହେଇକରି ମନ୍ତ୍ରୀ ଡକ୍ଟର୍ ମହାପାତ୍ର ଏନ୍ତା ପଦକ୍ଷେପ୍ ରାଏଜେ ସ୍ୱଚ୍ଛ ଶକ୍ତି ଉତ୍ପାଦନ୍‌ଥି ଯୋଗ୍‌ଦାନ୍ ଦେବାର୍ ସହେତେ ବର୍ଜ୍ୟବସ୍ତୁ ପରିଚାଲନା ଦିଗେ ବହୁତ୍ ସାହାଜ୍ କର୍‌ବା ବଲି କହିଛନ୍ ।

ୱେଭ୍‌ସ୍ - ୨ ଓଡ଼ିଆ      ପି.ଆଇ.ବି.

ମୁମ୍ବାଇ ନ ମେ ୧ ନୁ ୪ ତାରିଖ୍‌ତକ୍ ହେବାର୍‌କେ ଥିବା ବିଶ୍ୱ ଦୃଶ୍ୟ, ଶ୍ରାବ୍ୟ ଆଉ ମନୋରଞ୍ଜନ ଶିଖର୍ ସମ୍ମିଲନୀ - ୱେଭ୍‌ସ୍ - ୨୦୨୫ଥି ୨ ଝନ୍ ଓଡ଼ିଆ ପ୍ରତିଭା ଦେଖାବାର୍ ସୁଯୋଗ୍ ପାଇଛନ୍ । ୱେଭ୍‌ସ୍ ଆନିମେସନ୍ ଚଳଚ୍ଚିତ୍ର ପ୍ରତିଯୋଗିତାର୍ ଫାଇନାଲ୍‌ଥି ଯୋଗ୍ ଦେବାର୍‌କେ ସାରା ଦେଶୁ ୪୨ ଝନ୍ ବଛା ହେଇଥିଲା ବେଲ୍‌କେ ସେ

ଭିତ୍‌ରେ ଯାଜ୍‌ପୁର୍ ଜିଲ୍ଲା ଧର୍ମଶାଳା- ଜାର୍‌କା ଇଲାକାର୍ ଭାଗ୍ୟଶ୍ରୀ ଶତ୍‌ପଥୀ ଆର୍ ଭୁବ୍‌ନେଶ୍ୱର୍‌ର ଋଷଭ୍ ମହାନ୍ତି ଅଛନ୍ । ଆନିମେସନ୍ ଚଳଚ୍ଚିତ୍ର 'ପସା' ଲାଗି ଭାଗ୍ୟଶ୍ରୀ ଆର୍ ଆନିମେସନ୍ ପ୍ରାମାଣିକ ଚଳଚ୍ଚିତ୍ର 'ଖଟି' ଲାଗି ଋଷଭ୍ ୱେଭ୍‌ସ୍ ଫାଇନାଲ୍‌କେ ଯାଇଛନ୍ ।

ଋଷଭ ତାଙ୍କର୍ ଅଭିଜ୍ଞତା ବାଂଟିକରି କହିଛନ୍....

(ଭଏସ୍ ଓଭର୍- ଋଷଭ ମହାନ୍ତି)

ଖରିଫ୍ ଚାଷ- ଋଣ ଆର୍‌ଏନ୍‌ୟୁ/ ସମ୍ବଲପୁର

ଖରିଫ୍ ଚାଷ୍ ଲାଗି ଗଲାବଛର୍ ତୁଲ୍‌ନାଥି ଇ ବଛର୍ ୮ ଶହ ୧୫ କୋଟି ଟଙ୍କା ଅଏତ୍‌କା ଋଣ ଦିଆଯିବା ବଲି ରାଜ୍ୟ ସମବାୟ ବିଭାଗ୍ ତର୍‌ଫୁ କୁହାଯାଇଛେ । ୨୦୨୪ ଖରିଫ୍ ଚାଷ୍ ଲାଗି ୧୮ ଲାଖ୍ ୮୬ ହଜାର୍ ୭୪ ଝନ୍ ଚାଷୀଙ୍କୁ ପାଖାପାଖି ୧୦ ହଜାର୍ ଶହେ ୮୫ କୋଟି ଟଙ୍କା ଋଣ ଦିଆଯାଇଥିଲା । ହେଲେ ଇ ବଛର୍ ଖରିଫ୍ ଚାଷ୍ ଲାଗି ୧୧ ହଜାର୍ କୋଟି ଟଙ୍କା ଋଣ ଦିଆଯିବା । ଋଣ ଦେବାର୍‌ଥି କ୍ଷୁଦ୍ର, ନାମମାତ୍ର ଆଉ ଭାଗଚାଷୀମାନ୍‌କୁ ଅଗ୍ରାଧିକାର୍ ଦେବାର୍ ଲାଗି ବିଭାଗ୍ ତର୍‌ଫୁ ନିର୍ଦ୍ଦେଶ୍ ଦିଆଯାଇଛେ । ଇ ବାବ୍‌ଦେ ସବୁ ଜିଲ୍ଲାପାଳ୍ ମାନ୍‌କୁ ସମବାୟ ବିଭାଗ୍ ତର୍‌ଫୁ ଚିଠି କରାଯାଇଛେ ।

ପୂର୍ବତଟ ରେଲ୍ ମହାପ୍ରବନ୍ଧକ ଆର୍ଏନ୍ୟୁ/ ସମ୍ବଲପୁର

ପୂର୍ବତଟ ରେଲ୍ ମହାପ୍ରବନ୍ଧକ ପରମେଶ୍ୱର୍ ଫୁଙ୍କ୍‌ୱାଲ୍ ଗଲାକାଏଲ୍ ସମ୍ବଲ୍‌ପୁର୍ - ଝାର୍‌ସୁଗୁଡ଼ା ରେଲସେକ୍ସନ୍‌ଥି ରେଲ୍ ଭିତିଭୂମି ପ୍ରକଳ୍ପ ଆଉ ଟ୍ରାଫିକ୍ ସୁବିଧା ଉନ୍ନତି କାମ୍‌ର ସମୀକ୍ଷା କରିଛନ୍ । ଇ ସମିଆଥି ଶ୍ରୀ ଫୁଙ୍କ୍‌ୱାଲ୍ ଝାର୍‌ସୁଗୁଡ଼ା ରୋଡ୍, ବୃନ୍ଦାମାଲ୍, ଲପଙ୍ଗା ଆର୍ ସର୍‌ଲା ଷ୍ଟେସନ୍ ବୁଲି ଦେଖିଥିଲେ ।

ଦିଶା ମିଟିଂ କଲାହାଣ୍ଡି ସମ୍ବାଦଦାତ

କଲାହାଣ୍ଡି ଜିଲ୍ଲା ପରିଷଦ୍ ସମ୍ମିଲନୀ କକ୍ଷ ନ ଜିଲ୍ଲା ଉନ୍ନୟନ୍ ସମନ୍ୱୟ ଆଉ ପରିଚାଳନା କମିଟି - ଦିଶା ବୈଠକ୍ ହେଇଯାଇଛେ । ସାଂସଦ୍ ମାଳବୀକା ଦେବୀ ବୈଠକ୍‌ଥି ଯୋଗ୍ ଦେଇକରି ଜିଲ୍ଲା ନ ଚାଲିଥିବା ଭିନ୍ ଭିନ୍ ଉନ୍ନୟନ୍ ମୂଳକ୍ କାମ୍‌ର ଅଗ୍ରଗତି ବାବ୍‌ଦେ ବିଭାଗୀୟ ଅଧିକାରୀଙ୍କର୍ ସାଙ୍ଗେ ଆଲୋଚନା କରିଥିଲେ ।

ଆଶାକର୍ମୀ ପୁରସ୍କୃତ-ଝାର୍‌ସୁଗୁଡ଼ା ଆର୍ଏନ୍ୟୁ/ ସମ୍ବଲପୁର

ଝାର୍‌ସୁଗୁଡ଼ା ଜିଲ୍ଲା ଖଣିଜ ପାଣ୍ଠି ପ୍ରତିଷ୍ଠାନ୍ ସଭାଗୃହ ନ ମାତୃ ଆଉ ଶିଶୁ ମୃତ୍ୟୁ ହାର କମାବାର କ୍ଷେତ୍ରଥି ଉଲ୍ଲେଖନୀୟ କାମ୍ ଲାଗି ଜିଲ୍ଲାର୍

ଆଶାକର୍ମୀ, ମହିଳା ସ୍ୱାସ୍ଥ୍ୟକର୍ମୀ ଆଉ ସ୍ୱାସ୍ଥ୍ୟକେନ୍ଦ୍ରମାନ୍‌କୁ ପୁରସ୍କୃତ୍ କରାଯାଇଛେ । କାର୍ଯ୍ୟକ୍ରମ୍‌ଥି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ଆଉ ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ ଯୋଗ୍ ଦେଇକରି ସ୍ୱାସ୍ଥ୍ୟ ଉପକେନ୍ଦ୍ରମାନ୍‌କେ ମିଲୁଥିବା ଶହେ ୨୦ ପ୍ରକାରର୍ ଉଷୋର ସୁବିଧା ନେବାର୍‌କେ  ଲୁକ୍‌କୁ କହିଛନ୍ । ଇ ଅବ୍‌ସରେ ଜିଲ୍ଲା ମୁଖ୍ୟଚିକିତ୍ସାଳୟର୍ ୬ ଟା ଶଯ୍ୟାର ଆଇସିୟୁକେ ମନ୍ତ୍ରୀ ଶ୍ରୀ ମହାଲିଙ୍ଗ ଆର୍ ଶ୍ରୀ ପୂଜାରୀ ଉଦ୍‌ଘାଟନ୍ କରିଛନ୍ ।

ଉଷାକୋଠୀ-ପଂଚାୟତ୍‌ରାଜ୍‌ମନ୍ତ୍ରୀ          ଆର୍‌ଏନ୍‌ୟୁ/ ସମ୍ବଲପୁର

ବାମ୍ରା ବନପ୍ରାଣୀ ବନଖଣ୍ଡ ବଡ଼ରମା ବନାଂଚଲ୍ ଅଧୀନ୍‌ଥି ଥିବା ଉଷାକୋଠୀ ଅଭୟାରଣ୍ୟର ଭିନ୍ ଭିନ୍ ଉନ୍ନୟନ୍‌ମୂଲକ୍ ପ୍ରକଳ୍ପ ପଂଚାୟତ୍‌ରାଜ୍‌ମନ୍ତ୍ରୀ ରବିନାରାୟଣ୍ ନାଏକ୍ ଉଦ୍‌ଘାଟନ୍ କରିଛନ୍ । କାର୍ଯ୍ୟକ୍ରମ୍‌ଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଶ୍ରୀ ନାଏକ୍ ଅଭୟାରଣ୍ୟ ଭିତ୍‌ରେ ଥିବା ବଡ଼ରମା - କୁତବ୍ ରାସ୍ତା ନ ଶିକାରୀ ନିରୋଧ୍ ତନଖି ଫାଟକ୍, ତନଖି ଗୃହ ଆଉ ପର୍ଯ୍ୟଟକ ସୁବିଧା କେନ୍ଦ୍ରକେ ଉଦ୍‌ଘାଟନ୍ କରିଛନ୍ ।

କଳିଙ୍ଗ ସୁପର୍ କପ୍          ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବନେଶ୍ୱର କଳିଙ୍ଗ ଷ୍ଟାଡ଼ିୟମ୍ ଠାନେ କଳିଙ୍ଗ ସୁପର୍ କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ୍‌ଥି ଆଏଜ୍ ୩ ଆଉ ୪ ନମ୍ବର୍ କ୍ୱାଟର୍ ଫାଇନାଲ୍ ଇଂଟର୍‌କାସି ଆର୍ ମୁମ୍ବାଇ ସିଟି ଆଉ ନର୍ଥଇଷ୍ଟ ୟୁନାଇଟେଡ୍ ଆର୍ ଜମ୍‌ସେଦ୍‌ପୁର୍ ଏଫ୍.ସି. ଭିତ୍‌ରେ ଖେଲାଯିବା ।

ଗଲାକାଏଲ୍ ମୋହନ୍ ବାଗାନ୍ ଏସ୍.ଜି. ୨-୧ ଗୋଲ୍‌ଥି କେରଳ ବ୍ଲାଷ୍ଟର୍ସକେ ଆଉ ଗୋଆ ଦଲ୍ ୨-୧ ଗୋଲ୍‌ଥି ପଞ୍ଜାବ୍ ଏଫ୍.ସି.କେ ହରେଇକରି ସେମିଫାଇନାଲ୍‌କେ ଯାଇଛେ ।